**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**27 April – 2026**

# ଅଭିଯୋଗ ଶୁଣାଣି

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି। ପରବର୍ତ୍ତୀ ଶୁଣାଣି ନେଇ ଗଣମାଧ୍ୟମରେ ସୂଚନା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଖରାଛୁଟି

ରାଜ୍ୟରେ ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆଜିଠାରୁ ବିଦ୍ୟାଳୟ ଗୁଡ଼ିକ ପାଇଁ ଖରାଛୁଟି ଘୋଷଣା କରାଯାଇଛି । ସମସ୍ତ ସରକାରୀ, ବେସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ବନ୍ଦ ରହିବ । ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଏବଂ ବିଭାଗୀୟ ପ୍ରଶାସନିକ କାର୍ଯ୍ୟ ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଗ୍ରୀଷ୍ମ ଅବକାଶ ସମୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ଶିଶୁ ବାଟିକାରୁ ଅଷ୍ଟମଶ୍ରେଣୀ

ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ହ୍ୱାଟସ୍‌ଆପ୍ ଗ୍ରୁପ୍ ଜରିଆରେ ମନୋରଂଜନ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି ।

## ଅପରେସନ ଓ୍ୱାଇପ୍

ଦେଶବ୍ୟାପୀ ଅନ୍‌ଲାଇନ୍ ବେଆଇନ ନିଶା କାରବାରକୁ ପ୍ରତିହତ କରିବା ଲକ୍ଷ୍ୟରେ ଅପରେସନ ଓ୍ୱାଇପ୍ କାର୍ଯ୍ୟକାରୀ ହୋଇଛି । ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ମାଧ୍ୟମରେ ବେଆଇନ ଔଷଧ କାରବାର ଓ ବଣ୍ଟନକୁ ରୋକାଯାଇ ପାରିଛି । ସୂଚନା ଅନୁଯାୟୀ, ଦେଶରେ ୩ ଦଶମିକ ୭କିଲୋଗ୍ରାମ୍ ଟ୍ରାମାଡୋର୍ ବଟିକା ଜବତ ହେବା ଦିନଠାରୁ ଏହି ପଦକ୍ଷେପ ଆରମ୍ଭ ହୋଇଛି। ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ମାଧ୍ୟମରେ ଏକ ସଂଗଠିତ ନେଟଓ୍ୱର୍କ ଏଥିରେ ସଂଶ୍ଳିଷ୍ଟ ଥିବା ଜଣାପଡ଼ିଛି । ବୈଶ୍ୱିକ ସ୍ତରରେ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରାଯାଇ ଏ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ ପକ୍ଷରୁ କୁହାଯାଇଛି ।

## ଜନଆକ୍ରୋଶ

ନୟାଗଡ଼ ଜିଲ୍ଲା ବିଜେପି ଶାଖା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରୀଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରିତାକୁ ବିରୋଧୀ ଦଳଙ୍କ ବିରୋଧକୁ ନିନ୍ଦା କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସର୍କିଟ୍ ହାଉସ୍‌ଠାରେ ବିଧାୟକ ସୁଧୀର ରଂଜନ ପଟ୍ଟଯୋଶୀ ଓ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ନାରୀଶକ୍ତି ବନ୍ଦନ ଅଧିନିୟମର କାର୍ଯ୍ୟକାରିତା ନେଇ ବିରୋଧୀଙ୍କୁ ସମାଲୋଚନା କରିଥିଲେ ।

---

## ପ୍ରକଳ୍ପ ସମୀକ୍ଷା

ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ନିର୍ମାଣାଧୀନ ତୁରୀ ଓ ଗୁଲଥାଟ ମଧ୍ୟମ ଜଳସେଚନ ପ୍ରକଳ୍ପର କ୍ଷେତ୍ରୀୟ ପରିଦର୍ଶନ କରିଛନ୍ତି । ଦୁଇଟି ନଦୀରେ ନିର୍ମାଣାଧୀନ ଏହି ଦୁଇଟି ବ୍ୟାରେଜ୍ ମାଧ୍ୟମରେ ୯ ହଜାର ୧୩୫ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିବ । ପ୍ରଥମ ପର୍ଯ୍ୟାୟରେ ଉଭୟ ବ୍ୟାରେଜ୍ ପାଇଁ ୧୦୬ କୋଟି ଟଙ୍କା ମଂଜୁର କରାଯାଇଛି । ସମୀକ୍ଷା ଅବସରରେ ଜିଲ୍ଲାପାଳ' ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଛନ୍ତି ।

---

## ବୈଶାଖୀମେଳା

ଭଦ୍ରକ ଜିଲ୍ଲା ନେହେରୁ ଷ୍ଟାଡିୟମ୍‌ଠାରେ ଗତକାଲିଠାରୁ ବୈଶାଖୀ ମେଳା ଆରମ୍ଭ ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୦ ଦିନ ଧରି ଏହି ମେଳା ଅନୁଷ୍ଠିତ ହେବ । ସାଂସଦ ଅଭିମନ୍ୟୁ ସେଠୀ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ବୈଶାଖୀ ମେଳା ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

---

## ରଥ ନିର୍ମାଣ କାର୍ଯ୍ୟ

ପୁରୀ ରଥଯାତ୍ରା ପାଇଁ ଶ୍ରୀନଅର ସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି । ତିନିରଥର ମୋଟ୍ ୪୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ପରେ ତୁମ୍ବ ବିନ୍ଧ ପାଇଁ ସୂତା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି । ଆଜି ତୁମ୍ବ ବିନ୍ଧ ଅନୁକୂଳ ପୂଜା ସହ ତୁମ୍ବ ଗୁଡ଼ିକର ବିନ୍ଧ କାର୍ଯ୍ୟ ହେଉଛି ।

## ବୋଲିଂ ଚମ୍ପିୟାନ୍‌ସିପ୍

ନୂଆଦଲ୍ଲୀରେ ଅନୁଷ୍ଠିତ ଜାତୀୟ ବୋଲିଂ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାରେ ଓଡ଼ିଶା ୩ଟି ସ୍ୱର୍ଣ୍ଣ ସହ ୪ଟି ପଦକ ହାସଲ କରିଛି । ପ୍ରତିଯୋଗିତାରେ ୧୭ଟି ରାଜ୍ୟରୁ ୧୨୦ଜଣ ପ୍ରତିଯୋଗୀ ଅଂଶ ଗହଣ କରିଛନ୍ତି ।

## ଜାତୀୟ ଜିମ୍ନାଷ୍ଟିକ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ଗତକାଲି ଓଡ଼ିଶା ଆଉ ଏକ ସ୍ୱର୍ଣ୍ଣପଦକ ହାସଲ କରିଛି । ବରିଷ୍ଠ ପୁରୁଷବର୍ଗ ଅଲ୍‌ରାଉଣ୍ଡ ବିଭାଗରେ ତପନ ମହାନ୍ତି ୭୩ ଦଶମିକ ୪/୩/୩ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୫ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳ ତଥା ସର୍ଭିସ୍ ବୋର୍ଡର ୬ଶହରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଓଡ଼ିଶାରୁ ମୋଟ୍ ୨୭ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି ।

# ପାଣିପାଗ

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଅନୁଭୂତ ହେଉଛି । ଗତକାଲି ୧୭ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ କରାଯାଇଥିଲା । ଝାରସୁଗୁଡ଼ା ଜିଲ୍ଲାରେ ଦିନର ସର୍ବାଧିକ ତାପମାତ୍ରା ୪୪ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରହିଥିଲା । ଆସନ୍ତାକାଲି ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହିବା ନେଇ  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଅନ୍ୟପକ୍ଷରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ରାଜ୍ୟରେ ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ । ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ହେବାକୁ ଥିବା ବେଳେ ଉତ୍ତର ଓଡ଼ିଶାରେ ସ୍ୱାଭାବିକଠାରୁ କମ୍ ବର୍ଷାର ସମ୍ଭାବନା ରହିଛି ।